# ଜନସଚେତନତା ରୋକିବ ଏଡ୍ସ ସଂକ୍ରମଣ

ବଲାଙ୍ଗୀର,୧।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲା ଏଡ୍ସ ପ୍ରତିରୋଧ ଓ ନିୟନ୍ତ୍ରଣ ୟୁନିଟ୍ ମିଳିତ ସହଯୋଗରେ ଜିଲାସ୍ତରୀୟ ବିଶ୍ୱ ଏଡ୍ସ ଦିବସ ଶୁକ୍ରବାର ପାଳିତ ହୋଇଛି। ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରୁ ବାହାରିଥିବା ଏକ ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ଚଞ୍ଚଳ ରାଣା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଏଏନ୍‌ଏମ ତାଲିମ କେନ୍ଦ୍ରର ଛାତ୍ରୀ ଓ ବେସରକାରୀ ସଙ୍ଗଠନ କର୍ମକର୍ତ୍ତା ସାମିଲ ହୋଇଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକ ଡା. ମାନସୀ ପଣ୍ଡା, ଡିପିଏଚଓ ଡା. ଦିବ୍ୟକିଶୋର ପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ସଚେତନତା ପଦଯାତ୍ରା ସିଡିଏମ୍‌ଓ ଅଫିସ ସମ୍ମୁଖକୁ ଆସିଥିଲା। ପରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ



ଏଡ୍ସ ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ଚଞ୍ଚଳ ରାଣା ଉଦ୍‌ଘାଟନ କରୁଛନ୍ତି।

ସମ୍ମିଳନୀ କକ୍ଷଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଡିପିଏଚଓ ଦିବ୍ୟକିଶୋର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିବ୍ୟକିଶୋର ପତି, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସିଦ୍ଧେଶ୍ୱର ମାଝି, ଡା. ତୁଷାରକାନ୍ତ ଠାକୁର ଅତିଥି ଭାବେ ଯୋଗଦେଇ ଏଚ୍‌ଆଇଭି ଓ ଏଡ୍ସର ନିରାକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜନସଚେତନତା କିଭଳି ଏହି ରୋଗଠାରୁ ଆମକୁ ରକ୍ଷା କରିବ ସେନେଇ କହିଥିଲେ। ୨୦୨୩ ବର୍ଷ ପାଇଁ ବିଶ୍ୱ ଏଡ୍ସ ଦିବସର ବିଷୟବସ୍ତୁ ସମ୍ପ୍ରଦାୟ ଗୁଡିକ ନେତୃତ୍ୱ ଦିଅନ୍ତୁ ଉପରେ ଆଲୋଚନା ହୋଇଥିଲା। ସଚେତନତା ସଭାରେ ବିଶ୍ୱ

**ବଲାଙ୍ଗୀର ଜିଲାସ୍ତରୀୟ ବିଶ୍ୱ ଏଡ୍ସ ଦିବସ ପାଳିତ**

ଏଡ୍ସ ଦିବସର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଏନ୍‌ଏମ ତାଲିମ କେନ୍ଦ୍ର ଛାତ୍ରୀମାନେ ଏଡ୍ସ ସଚେତନତା ସମ୍ପର୍କିତ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ସଭାରେ ଏଡ୍ସ ସମ୍ପର୍କିତ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଏଡ୍ସ ନିରାକରଣ ୟୁନିଟର ଜିଲା ପ୍ରୋଗ୍ରାମ ମେନେଜର ରାଜେନ୍ଦ୍ର କୁମାର ମହାରଣା ଜିଲାରେ ଏଡ୍ସ ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ଗ୍ରହଣ କରାଯାଉଥିବା ପଦକ୍ଷେପ, ସ୍ଥିତି ଏବଂ ଏଡ୍ସ ରୋଗୀମାନେ ପାଉଥିବା ବିଭିନ୍ନ ସରକାରୀ ସହାୟତା ସମ୍ପର୍କରେ ସୂଚନା ଦେବା ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସିଡିଏମ୍‌ଓ ଅଫିସ ସମ୍ମୁଖରେ ଏକ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଜିତ୍



@ ଯୁଧିଷ୍ଠିର


@ ଦିଲ୍ଲୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ସଂକ୍ଷେପରେ**

## ୭ ଦାଦନ ଶ୍ରମିକ ସମେତ ୩ ଶିଶୁ ଉଦ୍ଧାର

ଖପ୍ରାଖୋଲ, ୧।୧୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ବାଞ୍ଜିପାଲି ଛକ ନିକଟରେ ବାଇକ୍ ଯୋଗେ ବେଆଇନ ଦାଦନ ଶ୍ରମିକ ଚାଲାଣବେଳେ ଧରାପଡ଼ିଛି। ଶୁକ୍ରବାର ଅପରାହ୍ନରେ ପୋଲିସ ଚଢ଼ାଉ କରି ୭ ଦାଦନ ଶ୍ରମିକ ସମେତ ୩ ଶିଶୁ ଉଦ୍ଧାର କରିଥିବା ଜଣାଯାଇଛି। ସୂଚନା ଅନୁସାରେ ଖପ୍ରାଖୋଲ ଥାନା ଅନ୍ତର୍ଗତ ନାନ୍ଦୁପଲା, କନ୍ଧେନଝୁଲା ଗ୍ରାମର ଓ ଲାରମ୍ଭା ଥାନା ଅନ୍ତର୍ଗତ ବଡଉଡେନ ଗ୍ରାମର ଦାଦନ ଶ୍ରମିକଙ୍କୁ ଅନକାମରା ଗ୍ରାମର ଦାଦନ ଚାଲାଣକାରୀ ଦଇତାରୀ ବରିହା (୨୫) ତେଲେଙ୍ଗାନା ରାଜ୍ୟକୁ ଇଟା ଭାଟିରେ କାମ କରିବାକୁ ନେଉଥିଲେ। ସେ ପୋଲିସ ହାତରୁ ଖସି ଯିବା ପାଇଁ ଅଭିନବ ଉପାୟରେ ୩ଟି ବାଇକ୍ ଯୋଗେ କଣ୍ଟାବାଞ୍ଜି ରେଳ ଷ୍ଟେସନକୁ ନେଉଥିଲେ। ବାଞ୍ଜିପାଲି ଛକ ନିକଟରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ୩ ବାଇକ୍ ଉପରେ ଚଢ଼ାଉ କରି ଦାଦନ ଶ୍ରମିକ ଓ ଦାଦନ ଚାଲାଣକାରୀଙ୍କୁ ପଚରାଉଚରା କରିଥିଲା। ପୋଲିସକୁ ଶ୍ରମିକଚାଲାଣକାରୀ ଦାଦନ ଚାଲାଣର ଆବଶ୍ୟକ କାଗଜପତ୍ର ନ ଦେଖାଇବାରୁ ଚାଲାଣକାରୀଙ୍କୁ ଗିରଫ କରାଯାଇଥିଲା। ଏହା ସହ ବାଇକ୍‌କୁ ଜବତ କରି ଦାଦନ ଶ୍ରମିକଙ୍କୁ ନିଜ ଘରେ ଛାଡିଥିବା ଜଣାପଡ଼ିଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା (ନଂ.୨୫୬/୨୩) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

# ଜାତୀୟ କ୍ରୀଡ଼ାର ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର,୧।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ଗୋଆଠାରେ ଅନୁଷ୍ଠିତ ୩୭ତମ ଜାତୀୟ କ୍ରୀଡା-୨୦୨୩ରେ ପଦକ ହାସଲ କରିଥିବା ବଲାଙ୍ଗୀରର କୃତୀ କ୍ରୀଡାବିତ୍‌ଙ୍କୁ ଶୁକ୍ରବାର ରାଜେନ୍ଦ୍ର ନାରାୟଣ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ୩୭ତମ ଜାତୀୟ କ୍ରୀଡ଼ାରେ ଭାଗନେଇଥିବା ଓଡ଼ିଶା ଲନବଲ ଦଳରେ ବଲାଙ୍ଗୀରର ୮ ଜଣ କ୍ରୀଡାବିତ୍ ସାମିଲ ହୋଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ତଥା ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ଅତିଥି ଭାବରେ ଯୋଗଦେଇ କୃତୀ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ଲନ୍‌ବଲ ସଂଘ ସାଧାରଣ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ସଭାପତି ବେଲାର ସିଂଭୋଇ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ବରିଷ୍ଠ ନାଗରିକ



ବଲାଙ୍ଗୀର ଆର.ଏନ୍. ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମଞ୍ଚ ସଭାପତି ପ୍ରଭାକର ମିଶ୍ର, ଅଶୋକ କୁମାର ଚାନ୍ଦ, ଗୌରଚନ୍ଦ୍ର ପୁରୋହିତ, ବଲାଙ୍ଗୀର ଖବରଦାତା ସଂଘ ପକ୍ଷରୁ ଶରତ ଚନ୍ଦ୍ର ମିଶ୍ର, ଓଡ଼ିଶା ସାମ୍ବାଦିକ ସଂଘ ବଲାଙ୍ଗୀର ଶାଖା ସଭାପତି ଗୋପବନ୍ଧୁ ଶତପଥି ଓ ସମ୍ପାଦକ ଶରତ ମହାକୁର ଓ ରାଜ୍ୟ ସମ୍ପାଦକ ମହେନ୍ଦ୍ର ଦର୍ଜୀ, ଜିଲା ଲେଖକ ପରିଷଦ ସମ୍ପାଦକ କପିଳେଶ୍ୱର ଖମାରୀ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ବଲାଙ୍ଗୀର ଆକ୍ସନ କମିଟିର ବିନୋଦ କୁମାର କଲସାଏ, ବିଙ୍ଗ ହ୍ୟୁମାନ, ଜିଲା କ୍ରୀଡା ଛାତ୍ରାବାସ, ଜିଲା ପିଇଟି ସଂଘର ବୁଦ୍ଧିରାଜ ବିଶ୍ୱାଳ, ପୁରନ୍ଦର ସେଠ, ସତ୍ୟନାରାୟଣ ପୁଟେଲ, ବ୍ରାହ୍ମଣ ମହାସଂଘ ନଗର ସଭାପତି ନରେନ୍ଦ୍ର ଆଚାର୍ଯ୍ୟ, ଜିଲା ସନ୍ତରଣ ସଂଘ, ବଲାଙ୍ଗୀର କୋଚ ନରେଶ ପ୍ରଧାନ, ଜିଲ୍ଲା ଅସିଚାଳନା ସଂଘ ସଭାପତି ଦିଲୀପ କୁମାର ପଣ୍ଡା, ଜିଲ୍ଲା ରାଇଫଲ ସଂଘ ସମ୍ପାଦକ ନିହାର ରଞ୍ଜନ ସ୍ୱାଇଁ, ଜେଏସ୍.ଏମ୍ କଲେଜ ପକ୍ଷରୁ ଖେଳାଳୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ସିଂଦେଓ ତାଙ୍କ ବକ୍ତବ୍ୟରେ ସମସ୍ତ କ୍ରୀଡାବିତ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଖେଳର ବିକାଶ ଦିଗରେ ଭିତ୍ତିଭୂମି ନିର୍ମାଣ କରାଯିବ ବୋଲି ସୂଚନା ଦେଇଥିଲେ। ଅଲମ୍ପିକ୍ସରେ ନୂଆ ଖେଳ ସାମିଲ ହେଉଥିବାରୁ ଗ୍ରାମାଞ୍ଚଳରୁ କ୍ରୀଡାର ବିକାଶ ଦିଗରେ ଓଡ଼ିଶା ସରକାର କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପଦକ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ପ୍ରତି ଖେଳାଳୀଙ୍କୁ ୨ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିବା ସୂଚନା ଦିଆଯାଇଥିଲା। ପଦକ ବିଜେତା କୈଳାସ ମାଝି, ନରସିଂହ ରାଣା, ସୌରଭ ରଞ୍ଜନ ମହାରଣା, ଲଳିତ କୁମାର ଶର୍ମା, ବିଷ୍ଣୁପ୍ରିୟା ବହିଦାର, ପଦ୍ମାସିନୀ ପୁଟେଲ, ରାଜେଶ୍ୱରୀ ସେଠ, ରୋଶନୀ ସାହୁଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# କାର୍ଯ୍ୟକ୍ଷମ ହେଲା ମାତୃ ଓ ଶିଶୁ ଡାକ୍ତରଖାନା

ଟିଟିଲାଗଡ଼,୧।୧୨(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ବହୁ ପ୍ରତୀକ୍ଷିତ ମାତୃ ଓ ଶିଶୁ ଡାକ୍ତରଖାନା ଶୁକ୍ରବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଡାକ୍ତରଖାନାକୁ ଲୋକାର୍ପିତ କରିଥିଲେ। ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କୁବେର ଚନ୍ଦ୍ର ମହନ୍ତ ଉପସ୍ଥିତ ଥିଲେ। ଏହି ଅବସରରେ ଡାକ୍ତରଖାନା ପରିସରରେ ନୂତନ ଆହାର କେନ୍ଦ୍ର ଉଦ୍‌ଘାଟନ ସହ ଚାରାରୋପଣ କରାଯାଇଥିଲା। ଡାକ୍ତରଖାନା ପରିସରରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ଏଥିରେ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅନୁଷ୍ଠିତ ସଭାରେ ମନ୍ତ୍ରୀ ସାହୁ କହିଥିଲେ, ମୁଖ୍ୟମନ୍ତ୍ରୀ ଟିଟିଲାଗଡ଼ବାସୀଙ୍କ ପାଇଁ ଯାହା ଆଶୀର୍ବାଦ କରିଛନ୍ତି ସେଥିପାଇଁ ଆମେ ଗର୍ବିତ। ଆଜି ଏକ ଉନ୍ନତମାନର ଡାକ୍ତରଖାନା ଟିଟିଲାଗଡ଼ ସହରରେ ଆମେ ପାଇଛୁ। ଟିଟିଲାଗଡ଼ ସହରରେ ମାତୃ ଓ ଶିଶୁଙ୍କ ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରଖାନା ସାକାର ହେବା ମହିଳାଙ୍କ ଚିକିତ୍ସା ସହାୟତାରେ ଏକ ବିରାଟ ପରିବର୍ତ୍ତନ ଆଣିବ। ଜିଲାପାଳ ରାଣା ଡାକ୍ତରଖାନାରେ ପରିମଳ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀ, ଏସ୍‌ଡିଏମ୍‌ଓ ଡା. ପି.କେ ନାୟକ, ଡା. ଓଁକାର ହୋତା, ଡା. ବଳରାମ ସାହୁ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲେଶ୍ୱର ମାଝି, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ବିନାୟକ ରାଉତ, ପିଏଚଡ଼ି ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟାନନ୍ଦ ଜଗତ, ଟିନୁ ଅଗ୍ରୱାଲ, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ଚନ୍ଦ୍ରବଦନ ପୁରୋହିତ, ପ୍ରେମ ଜୈନ, ବୈକୁଣ୍ଠ ନାଗ, ସୁରଜ ଖାନ, ସୁନିତା ଦାସ, ଗୋପାଳକୃଷ୍ଣ ବେହେରା, ଚନ୍ଦ୍ରକାନ୍ତି ନାଗ, ବୁଲୁ ଆଚାର୍ଯ୍ୟ, ସନ୍ଦୀପ ତ୍ରିପାଠୀ, ଦୀପକ ମିଶ୍ର, ଶିବ ପୃଷ୍ଟି, ରୁଟୁ ବାଗ, ଦିଲୀପ ବାଗ, ଦିଲୀପ ବେହେରା, ସରପଞ୍ଚ ନରେଶ ଅଗ୍ରୱାଲ, ସନ୍ତୋଷ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ପ୍ଲାଷ୍ଟିକ ବର୍ଜନ ପାଇଁ ଛାତ୍ରୀଛାତ୍ର ଦେଲେ ସଚେତନତା ବାର୍ତ୍ତା

ଲାଠୋର, ୧।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡ଼ିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରସନ୍ନ ଦାଶଙ୍କ ନେତୃତ୍ୱରେ ତଥା ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ କଲେଜର ଛାତ୍ରୀଛାତ୍ର ଶୁକ୍ରବାର ଏକ ଶୋଭାଯାତ୍ରା ଏବଂ ପଥପ୍ରାନ୍ତ ନାଟକ ଜରିଆରେ ଲୋକଙ୍କୁ ସଚେତନ କରିଥିବା ଦେଖାଯାଇଥିଲା। ତାଙ୍କୁ ସହଯୋଗ କରିଥିଲେ ୟୁଥ ରେଡ଼କ୍ରସ। ପ୍ରଥମେ ଛାତ୍ରୀଛାତ୍ର କଲେଜ ପରିସର ସଫା ସୁତୁରା କଲା ପରେ ହାତରେ ପ୍ଲାଏ କାର୍ଡ଼ ଧରି ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଦେଇ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ବସଷ୍ଟାଣ୍ଡ ଏବଂ ବଜାର ପ୍ରାଙ୍ଗଣରେ ପଥପ୍ରାନ୍ତ ନାଟକ ପ୍ଲାଷ୍ଟିକ ବର୍ଜନ ଉପରେ ପ୍ରଦର୍ଶନ କରିଥିଲେ। ଏଥିରେ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ନୋଡ଼ାଲ ଅଫିସର ଅଧ୍ୟାପକ ଭଗବାନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା।

## ମହାବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ ପାଳିତ

ଲୋଇସିଂହା,୧।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ସଚେତନତା ସଭାରେ ଅଧ୍ୟକ୍ଷ ଗୋବିନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚ୍‌ଇଓ ରମେଶ ସାହୁ, ଆଇସିଟିସି କେନ୍ଦ୍ର ପରାମର୍ଶଦାତା ଖଗେଶ୍ୱର ଗଡ଼ତ୍ୟା ଅତିଥି ଭାବେ ଯୋଗଦେଇଥିଲେ। ଅସାବଧାନତା ଓ ସଚେତନତା ଅଭାବରୁ ଲୋଇସିଂହା ଅଞ୍ଚଳରେ ଉଦ୍‌ବେଗଜନକ ଭାବେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଅତିଥିମାନେ ଚିନ୍ତା ବ୍ୟକ୍ତ କରିଥିଲେ। ଏଥିପାଇଁ ବ୍ୟାପକ ସଚେତନତା ଜରୁରୀ ଏବଂ ଏହାକୁ ଜାଣିଲେ ଜିଣି ପାରିବା ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ସଚେତନତା ବୃଦ୍ଧି ପାଇଁ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଅଧ୍ୟାପକ ହିମାଂଶୁ ମହାକୁର ସଭାକାର୍ଯ୍ୟକୁ ସଂଯୋଜନା କରିଥିବାବେଳେ ମାନସରଞ୍ଜନ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ସଭା କାର୍ଯ୍ୟ ପୂର୍ବରୁ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଏବଂ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା।

## ବଡ଼ଦିନ ପାଳନ ଉପଲକ୍ଷେ ସ୍ୱାଗତ ଶୋଭାଯାତ୍ରା

ବଲାଙ୍ଗୀର,୧।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ପବିତ୍ର ବଡ଼ଦିନ ପାଳନ ଉପଲକ୍ଷେ ସ୍ୱାଗତ ଶୋଭାଯାତ୍ରା ସହର



ପରିକ୍ରମା କରିଥିଲା। ଡିସେମ୍ବର ମାସରେ ପ୍ରଭୁ ଯୀଶୁଖ୍ରୀଷ୍ଟ ଜନ୍ମ ଲାଭ କରିଥିବାରୁ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଭାଇଭଉଣୀ ଏହି ମାସକୁ ଅତି ପବିତ୍ର ମନେ କରିଥାନ୍ତି। ପ୍ରତିବର୍ଷ ଡିସେମ୍ବର ୧ରେ ସ୍ୱାଗତ ସମାରୋହ ଆୟୋଜନ କରାଯାଇଥାଏ। ଡିସେମ୍ବର ୧ରେ ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚ ପକ୍ଷରୁ ସ୍ୱାଗତ ସମାରୋହ ପାଳନ କରାଯାଇ ସହରରେ ସ୍ୱାଗତ ଶୋଭାଯାତ୍ରା ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ସେଣ୍ଟ୍ରାଲ ଚର୍ଚ୍ଚରୁ ଶତାଧିକ ମହିଳା, ପୁରୁଷ, ଯୁବତୀ, ଯୁବକ ଓ କୁନି ପିଲା ସ୍ୱାଗତ ଶୋଭାଯାତ୍ରାରେ ବାହାରିଥିଲେ। ଅନେକ ହାତରେ ମହମବତୀ ମଧ୍ୟ ଧରିଥିଲେ। ପ୍ରଭୁ ଯୀଶୁଙ୍କ ମହାନବାଣୀ, ପାରସ୍ପରିକ ପ୍ରେମ, ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନାର ବାର୍ତ୍ତା ନେଇ ସେଣ୍ଟ୍ରାଲ ଚର୍ଚ୍ଚରୁ ଶୋଭାଯାତ୍ରା ଟିକାଦାରପଡା ଛକ, କଚେରୀ ଛକ, ଭାଗିରଥି ଛକ ଦେଇ ପରିକ୍ରମା କରି ପୁଣି ଚର୍ଚ୍ଚକୁ ଫେରିଥିଲା। ଏହି ଶୋଭାଯାତ୍ରାରେ ସେଣ୍ଟ୍ରାଲ ଚର୍ଚ୍ଚର ସମ୍ପାଦକ ଆଲେକ୍‌ଜାଣ୍ଡାର ବାଗ, ଉପସଭାପତି ଇମାନୁଏଲ ଦାନୀ, ସୁପ୍ରିମଟାଷ୍ଟର ନିର୍ଦ୍ଦେଶକ ଅଜିତ ପାଲ, ବିଶପ ପିନୁଏଲ ଦୀପ, ମହେନ୍ଦ୍ର ବାଗ, ଜ୍ୟୋତିରାଜ ନାଗ, କୁଳଦୀପ ବାଗ, ସରୋଜ ଛତ୍ରିଆ, ନରେଶ ମାଥୁସ୍, ସଞ୍ଜୟ ନନ୍ଦ ଓ ଅନ୍ୟମାନେ ସାମିଲ ହୋଇଥିଲେ।

# ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ମୁରିବାହାଲ,୧।୧୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ରୀଡାରେ ୭ଟି ବିଭାଗ ପାଇଁ ୧୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨ ଦିନ ଧରି ହେବାକୁ ଥିବା ବାର୍ଷିକ କ୍ରୀଡ଼ା ପ୍ରଥମ ଦିବସରେ ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷକ ସୁନୀଲ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁରିବାହାଲ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଡିଆରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ପତାକାକୁ ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ଶିକ୍ଷାର୍ଥୀଙ୍କୁ କ୍ରୀଡ଼ାର ମହତ୍ତ୍ୱ, ଶରୀର ବିକାଶ, କ୍ରୀଡ଼ା ଦ୍ୱାରା ରୋଗ ମୁକ୍ତ ହେବା ବିଷୟରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ସୁଦାମ ଚରଣ ବଘାର,


ମୁରିବାହାଲ ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଅବସରରେ ଖେଳାଳି।

**୭ ବିଭାଗ ପାଇଁ ୧୨୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ**

ପ୍ରଫୁଲ୍ଲ ବଘାର, ଲକ୍ଷ୍ମୀକାନ୍ତ ଧରୁଆ, ନିଆଜ ମହମ୍ମଦ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କ୍ରୀଡ଼ାରେ ସଟପୁଟ, ଡିସ୍କସ୍ ଥ୍ରୋ, ଦୌଡ଼, କ୍ରିକେଟ ଓ ବ୍ୟାଡ଼ମିଣ୍ଟନ ପ୍ରଭୃତି ପ୍ରତିଯୋଗିତା ବାଳିକା ଓ ବାଳକ ବିଭାଗରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାର ପ୍ରଥମରୁ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସ୍କୁଲ ତରଫରୁ ସୂଚନା ଦିଆଯାଇଛି। ଉକ୍ତ ବାର୍ଷିକ କ୍ରୀଡା ପରିଚାଳନାରେ ବିକ୍ରମ ପୁରୋହିତ, ମନୋଜ କୁମାର ସ୍ୱାଇଁ, କିଶୋର ଚନ୍ଦ୍ର ମହାନ୍ତି, ପ୍ରଦୀପ କୁମାର ପୁଟେଲ, ରଶ୍ମିଲତା ପାତ୍ର ପ୍ରମୁଖ ସହଯୋଗ କରୁଛନ୍ତି। ଶନିବାର ଦ୍ୱିତୀୟ ଦିବସରେ କ୍ରୀଡ଼ା ଅନୁଷ୍ଠିତ ହେବ।

# ଟିପିଡବ୍ଲ୍ୟୁଓଡିଏଲ୍ ଅଭିଯୋଗ ପ୍ରତିବିଧାନ ପୀଠ ଆରମ୍ଭ

**ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)**

ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ ତରଫରୁ ଶୁକ୍ରବାର ବରଗଡ଼ ସହରସ୍ଥିତ ବାନ୍ଧୁଟିକ୍ରା ଛକ (ଭିଏସ୍ଏସ୍ ନଗର) ନିକଟରେ ଏହାର ନୂତନ ଅଭିଯୋଗ ପ୍ରତିବିଧାନ ପୀଠ କାର୍ଯ୍ୟାଳୟର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟାଳୟକୁ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ଗଜାନନ କାଲୋ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କମ୍ପାନୀର ବରିଷ୍ଠ ଅଧିକାରୀ ତଥା ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ନୂତନ ଅଭିଯୋଗ ପ୍ରତିବିଧାନ ପୀଠର ସଭାପତି ଭାବେ ଇଂ. ବିକ୍ରମ କୁମାର ସିଂଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଉତ୍ସବରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାଲୋ କହିଥିଲେ, ବରଗଡ଼ ଜିଲାର ବିଭିନ୍ନ ଅଞ୍ଚଳର ପ୍ରାୟ ୩ଲକ୍ଷରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତା ଅଛନ୍ତି। ମାତ୍ର ବିବାଦୀୟ ବିଦ୍ୟୁତ୍ ବିଲ୍‌ଗୁଡ଼ିକର ସମାଧାନ ପାଇଁ ପୂର୍ବରୁ ବୁର୍ଲାସ୍ଥିତ ଅଭିଯୋଗ ପ୍ରତିବିଧାନ ପୀଠ କାର୍ଯ୍ୟାଳୟ ଉପରେ ନିର୍ଭର କରି ଅଯଥା ଖର୍ଚ୍ଚାନ୍ତ ତଥା ସମୟ ନଷ୍ଟ ହେଉଥିଲା। ବର୍ତ୍ତମାନ ଏହି ନୂତନ ଅଭିଯୋଗ ପ୍ରତିବିଧାନ ପୀଠ ଖୋଲାହେବାରୁ ବିଦ୍ୟୁତ ଉପଭୋକ୍ତାମାନେ ଅଯଥା ଖର୍ଚ୍ଚ ତଥା ସମୟ ନଷ୍ଟ ହେବାରୁ ରକ୍ଷା ପାଇବା ସହ ସୁବିଧା ଏବଂ ଅଳ୍ପ ସମୟ ମଧ୍ୟରେ ବିଦ୍ୟୁତ୍ ସେବା ଜନିତ ବିବାଦଗୁଡ଼ିକର ସମାଧାନ କରିପାରିବେ।

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାଲୋ ଆହୁରି କହିଥିଲେ, ଟିପିଡବ୍ଲ୍ୟୁଓଡ଼ିଏଲ ପଶ୍ଚିମ ଓଡ଼ିଶାର ବିଦ୍ୟୁତ ବିତରଣ ଦାୟିତ୍ୱ ନେବା ପରଠାରୁ ଉନ୍ନତମାନର ସେବା ଯୋଗାଇବା ସହିତ ଗ୍ରାହକମାନଙ୍କ ଅଭିଯୋଗକୁ ସମାଧାନ ନିମନ୍ତେ ପ୍ରାଥମିକତା ଦେଇଆସୁଛି। ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଇଆରସିଙ୍କ ନିର୍ଦ୍ଦେଶ ଅନୁଯାୟୀ ପଶ୍ଚିମ ଓଡ଼ିଶାର ସମସ୍ତ ୫ମଣ୍ଡଳରେ ୫ ଅଭିଯୋଗ ପ୍ରତିବିଧାନ ପୀଠ ସ୍ଥାପନ କରାଯାଇଛି। ବିଦ୍ୟୁତ ସେବାର ମାନଦଣ୍ଡକୁ ଉନ୍ନତମାନର କରିବା ଦିଗରେ କମ୍ପାନୀ ତରଫରୁ ବରଗଡ଼ରେ ସ୍ଥାପିତ ଉକ୍ତ ପ୍ରତିବିଧାନ ପୀଠରୁ ମଧ୍ୟ ବିଦ୍ୟୁତ୍ ଉପଭୋକ୍ତାମାନେ ଠିକ୍‌ସେବା ପାଇପାରିବେ ବୋଲି ଇଂ. କାଲୋ କହିଥିଲେ।


ବରଗଡ଼ରେ ଟିପିଡବ୍ଲ୍ୟୁଓଡିଏଲ୍ ଅଭିଯୋଗ ପ୍ରତିବିଧାନ ପୀଠର ଶୁଭାରମ୍ଭ କରାଯାଉଛି।

# ନାଟକ, ରାଲିରେ ଏଡ୍‌ସ ସଚେତନତା



ବରଗଡ଼ ବିକାଶ ପକ୍ଷରୁ ଏଡସ୍ ସଚେତନତା ରାଲି।



ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜର ଏଡସ୍ ସଚେତନତା ରାଲି।

**ବରଗଡ଼/ଅତାବିରା,୧।୧୨ (ପ୍ରେମାନନ୍ଦ ଖମାରୀ/ହୃଷୀକେଶ ଖମାରୀ)**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ବରଗଡ଼ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ ଦ୍ୱାରା ସଚେତନତା ରାଲି ଓ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓଙ୍କ ନିର୍ଦ୍ଦେଶକ୍ରମେ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ସହଯୋଗରେ ବିକାଶ ନର୍ସିଂ କଲେଜର ଛାତ୍ରୀଛାତ୍ରମାନେ ଯୋଗଦାନ କରି ସଚେତନତା ରାଲିରେ ବାହାରିଥିଲେ। ବରଗଡ଼ ଗାନ୍ଧୀ ଛକରୁ ପାର୍ବତୀ ଗିରି ମହିଳା କଲେଜ ପର୍ଯ୍ୟନ୍ତ ସଚେତନତା ରାଲି ଯାଇଥିଲା। ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ୱାଇ. ଡି ଷ୍ଟେଲା, ଉପାଧ୍ୟକ୍ଷା ଦୀପାଞ୍ଜଳି ପଟେଲ, ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର.ଏସ. ଭି କ୍ରୀଷ୍ଣା, ନର୍ସିଂ କଲେଜର ଅଧ୍ୟାପିକା, ଅଧ୍ୟାପକ ପ୍ରମୁଖ ଉପସ୍ଥିତ ଥିଲେ। ପାର୍ବତୀ ଗିରି ମହିଳା କଲେଜ ସମ୍ମୁଖରେ ପଥପ୍ରାନ୍ତ ସଚେତନତା ନାଟକ ଛାତ୍ରୀଛାତ୍ର ପରିବେଷଣ କରିଥିଲେ।

ସେହିପରି ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ମଧ୍ୟ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। କଲେଜର ଡାଇରେକ୍ଟର ଫକୀର କର୍ଣ୍ଣ ସଚେତନତା ରାଲିର ଶୁଭାରମ୍ଭ କରିଥିଲେ। କଲେଜରୁ ରାଲି ବାହାରି ଭଟଲି ଛକ, ମାରୱାଡ଼ି ପଡ଼ା, ବିଶିପଡ଼ା ଦେଇ ସ୍ଥାନୀୟ ହସ୍ପିଟାଲରେ ପହଞ୍ଚିଥିଲା। ସେଠାରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ସଚେତନତା ରାଲିରେ କଲେଜର ଅଧ୍ୟକ୍ଷା ସୁନୀତାରାଣୀ ବାଗ, ଅଧ୍ୟାପକ ଡା. ଅରୂପାନନ୍ଦ ସାହୁ, ପ୍ରକାଶ ବେହେରା, ଅରୁଣା କିସାନ, ଜାଗୃତି ଦିଶ୍ରୀ, ଭରତ ପ୍ରଧାନ, ମୌସୁମୀ ବାଗ, ଶୁଭମ ଷଡ଼ଙ୍ଗୀ ଏବଂ ଅନ୍ୟ କର୍ମଚାରୀ, ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅତାବିରା କଲେଜରେ ଯୁବ ରେଡ଼କ୍ରସ, ରେଡ୍ ରିବନ୍ ଏବଂ ନୂଆ ଓଡ଼ିଶା, ନବୀନ ଓଡ଼ିଶା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏକ ସଚେତନତା ସଭା ହୋଇଥିଲା। ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ସଭାକୁ ଯୁବ ରେଡ୍‌କ୍ରସ ଜିଲା ସଂଯୋଜକ ଅଧ୍ୟାପକ ପରମାନନ୍ଦ ରଥ ପରିଚାଳନା କରିଥିଲେ। ଅତାବିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଦେବକଲ୍ୟାଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଡ୍‌ସ କାରଣ, ନିରାକରଣ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ଏଡ୍‌ସ ଦିବସ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧ୍ୟାପକ ସୂର୍ଯ୍ୟନାରାୟଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**ପାଇକମାଳ (ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଲୋହିତ କୁମାର ବାରିକ ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ସାଧନ କେନ୍ଦ୍ରର ଡାକ୍ତର ଅଭିଳାଷ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଡ୍‌ସର ଲକ୍ଷଣ, ନିରାକରଣ ବିଷୟରେ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ କୁଇଜ, ସଙ୍ଗୀତ, ପ୍ରବନ୍ଧ, ରଙ୍ଗୋଲି ତଥା ଗୀତ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଅଧାପିକା ଅଧାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ସହଯୋଗ କରିଥିଲେ।

**ଝାରବନ୍ଧ (ଦେବେନ୍ଦ୍ର ସାହୁ):** ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଯୁବ ରେଡକ୍ରସ, ରେଡ୍ ରିବନ କ୍ଲବ ଓ ଏନ୍‌ଏସ୍‌ଏସ୍ ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ଅଧ୍ୟକ୍ଷତା କରିଥିଲେ। ସାନନ୍ଦ କୁମାର ସାହୁ ମୁଖ୍ୟ ଅତିଥି ଓ ଡା. ସୁନୀଲ କୁମାର ନାୟକ ମୁଖ୍ୟ ବକ୍ତା, ଯାଜ୍ଞସେନୀ ନାୟକ, ଗଗନ ବିହାରୀ ତନସନା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଏଡ୍‌ସ ଭଳି ଭୟଙ୍କର ରୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ସାଧାରଣ ଜ୍ଞାନ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଡା. ରଶ୍ମିରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଶ୍ରୀ ମୀନ ପ୍ରଭା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସାଇନିଂ ଷ୍ଟାର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଶିକ୍ଷା ଜିଲା ବିଭାଗ ପକ୍ଷରୁ ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଭିନ୍ନ ହାଇସ୍କୁଲର ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ୩ ଦିନିଆ ଆବାସିକ ସାଇନିଂ ଷ୍ଟାର ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ କମଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଜ୍ୟୋତିକାନ୍ତ ସାହୁ, ରାଧାକାନ୍ତ ଛତ୍ରୀ, ଭଟଲି ବ୍ଲକ ଶିକ୍ଷାଧିକାରୀ ସରୋଜ ଭୁଏ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଜିଲାର ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଉକ୍ତ ପ୍ରଶିକ୍ଷଣ ଶିବିର ସହାୟକ ହେବ ବୋଲି ସେମାନେ ମତପ୍ରକାଶ କରିଥିଲେ। ଅଧ୍ୟାପିକା ଡ. ଦୀପିକା କୁମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ରବି ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଶିବିରରେ କମଗାଁ ହାଇସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ କମଗାଁ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ। ଆସନ୍ତା ୩ତାରିଖରେ ଶିବିର ଉଦ୍‌ଯାପିତ ହେବ। ଶିବିରରେ ଜିଲାର ୧୨ବ୍ଲକର ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଶିବିରରେ ଛାତ୍ରୀଛାତ୍ରଙ୍କ ସନ୍ଦେହ ମୋଚନ ପାଇଁ ଜିଲାର ୪୦ରୁ ଊର୍ଦ୍ଧ୍ୱ ସାଧନ କର୍ମୀ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।



ଶିବିରରେ ଜିଲା ଶିକ୍ଷାଧିକାରୀ ବକ୍ତବ୍ୟ ରଖୁଛନ୍ତି।

# ରାହାସ ପୂର୍ଣ୍ଣିମା ଯାତ୍ରା ଉଦ୍‌ଯାପିତ

ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବିଶାଳପାଲିଠାରେ ରାହାସ ପୂର୍ଣ୍ଣିମା ଯାତ୍ରା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ପ୍ରଥମ ଦିବସରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଗୋବିନ୍ଦ ପ୍ରଧାନ, ସମାଜସେବୀ ସତ୍ୟନାରାୟଣ ପ୍ରଧାନ, ଜିଲା ପରିଷଦ ସଭ୍ୟା ଭାରତୀ ଭୁଏ, ଭଡ଼ିଗାଁ ସରପଞ୍ଚ ହେମନ୍ତ ମହାପାତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ କୃଷ୍ଣଗୁରୁ ପରିବେଷଣ ହୋଇଥିଲା। ଦ୍ୱିତୀୟ ଦିବସରେ ବିଜେଡ଼ି ଜିଲା ସଭାପତି ଡ. ପ୍ରଭାସ ସିଂ ଏବଂ ତୃତୀୟ ଦିବସରେ ଭଟଲି ବିଧାୟକ ସୁଶାନ୍ତ ସିଂ ଅତିଥି ଭାବେ ଯୋଗଦାନ କରିଥିଲେ। ମହୋତ୍ସବ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

# ଆମେରିକୀୟ ଗବେଷକଙ୍କ ଆଲୋଚନା

**ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)**


ବିକାଶ ହସ୍ପିଟାଲରେ ଆମେରିକୀୟ ଗବେଷକଙ୍କ ଆଲୋଚନା।

ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ହେଲ୍‌ଥ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଆମେରିକାର ଜର୍ଜ ଟାଉନ ୟୁନିଭର୍ସିଟି ମେଡ଼ିକାଲ ସେଣ୍ଟରର ପ୍ରଫେସର ଡା. ପିନାକୀ ପାଣିଗ୍ରାହୀ (ପ୍ରେସିଡେଣ୍ଟ, ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ), ଡା. ଲେୱିସ୍ ରୁବିନ ଏବଂ ମିଷ୍ଟର ଡେଭିଡ୍ ଶୁକ୍ରବାର ବରଗଡ଼ର ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ପହଞ୍ଚିଥିଲେ। ପଶ୍ଚିମ ଓଡ଼ିଶାର ଜନସ୍ୱାସ୍ଥ୍ୟ ସମ୍ପର୍କିତ ଉଚ୍ଚ ଗବେଷଣା ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ସେମାନେ ଯୋଗଦାନ କରିଥିଲେ। ଏହାପରେ ବିକାଶରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ଖବରଦାତା ସମ୍ମିଳନୀରେ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ଡା. ସି.ଏଚ୍. ରବି କୁମାର ସୂଚନା ଦେଇ କହିଥିଲେ, ଉକ୍ତ ଗବେଷଣାକାରୀ ଦଳ କ୍ରୀଷ୍ଣା ବିକାଶର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଡି. ବିବେକଙ୍କ ସହିତ ପ୍ରଥମେ ଆଲୋଚନା କରିଥିଲେ। ଏହାପରେ ବରଡ଼ୋଲସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ସ୍ଥିତି ଜାଣିବାକୁ ଚେଷ୍ଟା କରିଥିଲେ। ସେହିପରି ବିକାଶ ହସ୍ପିଟାଲର କନଫରେନ୍ସ ହଲରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡା. ପୂଜା ଜୟସ୍ୱାଲ, ଡା. ଏଚ୍. ଏସ୍. ମିଶ୍ର, ଡା. ନୀଳମଣି ପାତ୍ର, ଡା. ଗୀତାରାଣି ପୁରୋହିତ, ଡା. ଉଦୟ ହେମ୍ବ୍ରମ, ଡା. ସଞ୍ଜୟ କୁମାର ନାୟକ, ଡା. ଆଶିଷ କୁମାର ଶତପଥି ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ। ଆଗକୁ କ୍ୟାନସର ରୋଗ ଉପରେ ଗବେଷଣା କରାଯିବ ବୋଲି ସେମାନେ କହିଥିଲେ। ଏଆଇପିଏଚ୍ ତରଫରୁ କ୍ରୀଷ୍ଣା ବିକାଶର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା, ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା ଉକ୍ତ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥିଲେ। ଏହିଅବସରରେ ଏଆଇପିଏଚ୍ ବିଶ୍ୱବିଦ୍ୟାଳୟର ପ୍ରେସିଡେଣ୍ଟ ପ୍ରଫେସର ପାଣିଗ୍ରାହୀ ଏସିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ବିଶ୍ୱବିଦ୍ୟାଳୟ ଉପରେ ବିଶଦ ତଥ୍ୟ ପ୍ରଦାନ କରିଥିଲେ। ମେମ୍ବର ଅଫ୍ ପବ୍ଲିକ ହେଲ୍‌ଥ ଏବଂ ଏମବିଏ ଇନ୍ ହେଲ୍‌ଥ ଏମ୍ବର୍ଜିରେ ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଡା. ଲେୱିସ୍ ରୁବିନ ବରଗଡ଼ ହସ୍ପିଟାଲର ଆନୁଷଙ୍ଗିକ ବ୍ୟବସ୍ଥା, ଡାକ୍ତରମାନଙ୍କ ଗବେଷଣା ରୁଚିକୁ ପ୍ରଶଂସା କରିଥିଲେ।

# ୭ ଦାଦନ ଶ୍ରମିକଙ୍କ ସମେତ ୩ ଶିଶୁ ଉଦ୍ଧାର

**ଖପ୍ରାଖୋଲ, ୧।୧୨(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ବାଞ୍ଜିପାଲି ଛକ ନିକଟରେ ବାଇକ୍ ଯୋଗେ ବେଆଇନ ଦାଦନ ଶ୍ରମିକ ଚାଲାଣବେଳେ ଧରାପଡ଼ିଛି। ଶୁକ୍ରବାର ଅପରାହ୍ନରେ ପୋଲିସ ଚଢ଼ାଉ କରି ୭ ଦାଦନ ଶ୍ରମିକ ସମେତ ୩ ଶିଶୁ ଉଦ୍ଧାର କରିଥିବା ଜଣାଯାଇଛି। ସୂଚନା ଅନୁସାରେ ଖପ୍ରାଖୋଲ ଥାନା ଅନ୍ତର୍ଗତ ନାନ୍ଦୁପଲା, କନ୍ଧେନଝୁଲା ଗ୍ରାମର ଓ ଲାରମ୍ବା ଥାନା ଅନ୍ତର୍ଗତ ବଡଉଡେନ ଗ୍ରାମର ଦାଦନ ଶ୍ରମିକଙ୍କୁ ଅନକାମରା ଗ୍ରାମର ଦାଦନ ଚାଲାଣକାରୀ ଦଇତାରୀ ବରିହା (୨୫)।

# ଆଇଆଇଏଚ୍‌ଟିରେ ସାମର୍ଥ୍ୟ ପ୍ରଶିକ୍ଷଣ ଶିବିର

**ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)**



ସାମର୍ଥ୍ୟ ଶିବିରରେ ମୁଖ୍ୟ ଅତିଥି ବକ୍ତବ୍ୟ ରଖୁଛନ୍ତି।

ବରଗଡ଼ର ଭାରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ ସଂସ୍ଥାନ (ଆଇଆଇଏଚଟି)ରେ ଶୁକ୍ରବାର ସାମର୍ଥ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭାରତ ସରକାରଙ୍କ ହସ୍ତତନ୍ତ ବିକାଶ ଆୟୁକ୍ତ ଦ୍ୱାରା ପ୍ରାୟୋଜିତ ଏହି ଶିବିରରେ ୨୫ଜଣ ମହିଳା ଅଂଶଗ୍ରହଣ କରିଛନ୍ତି। ଶିବିରରେ ଆଇଆଇଏଚ୍‌ଟିର ନିର୍ଦ୍ଦେଶକ ଏମ୍. ଆନନ୍ଦନ ଉପସ୍ଥିତ ରହି ୪୫ଦିନିଆ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥିନୀମାନଙ୍କୁ ବସ୍ତ୍ର ବୁଣିବା ନେଇ ପ୍ରଶିକ୍ଷଣ ସହ ପ୍ରତିଦିନ ୩୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ସେହିପରି ଉକ୍ତ ଅନୁଷ୍ଠାନରେ ଖୁବ୍‌ଶୀଘ୍ର ବି.ଟେକ୍ ପାଠ୍ୟକ୍ରମ ଆରମ୍ଭ ପାଇଁ ସରକାରଙ୍କଠାରେ ପ୍ରସ୍ତାବ ଉପସ୍ଥାପନ କରାଯିବ ବୋଲି ଏମ୍‌ପି ପୂଜାରୀ ପ୍ରତିଶ୍ରୁତି ଦେଇଥିଲେ। ହସ୍ତତନ୍ତ ଏ ଅଞ୍ଚଳର ଆର୍ଥିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ସମ୍ମାନିତ ଅତିଥି ସୁରେଶ୍ୱର ଶତପଥି କହିଥିଲେ। ଚିତ୍ରଶିଳ୍ପୀ ରାଜେନ୍ଦ୍ର ସିକନ୍ଦର ମଧ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଭାସ୍ୱତୀ ଦାଶ, ଅରବିନ୍ଦ କୁମାର, ଦିଲୀପ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର କୁମାର ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ପୂର୍ବତନ ବିଧାୟକ ସ୍ୱର୍ଗତ ଯଦୁମଣି ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଏସ୍‌ପି ଅଫିସ ସମ୍ମୁଖରେ ଥିବା ସ୍ୱର୍ଗତ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।


ପୂର୍ବତନ ବିଧାୟକ ସ୍ୱର୍ଗତ ଯଦୁମଣି ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ପୌର ଅଫିସ ଆଗରେ ଭାଜପାର ବିକ୍ଷୋଭ

**ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି ଶୁକ୍ରବାର ଭାଜପା ପକ୍ଷରୁ ପୌର କାର୍ଯ୍ୟାଳୟକୁ ଘେରାଉ ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହିତ ଦଳ ପକ୍ଷରୁ ପୌର ନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପୌର ପରିଷଦ ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ରହୁ ନ ଥିବା, ଟେଣ୍ଡର ଫିକ୍ସିଂ ଚାଲିଥିବା ଅଭିଯୋଗ କରି ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସ୍ମାରକପତ୍ରରେ ଭାଜପା ଦାବି କରିଛି। ସେହିପରି ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା, ପୌର କାର୍ଯ୍ୟରେ ଶାସକ ଦଳର ହସ୍ତକ୍ଷେପ ହେଉଥିବା ଅଭିଯୋଗ ହୋଇଛି।



ଭାଜପା କର୍ମୀମାନଙ୍କ ବିକ୍ଷୋଭ ଶୋଭାଯାତ୍ରା।

ଏହାସହିତ ସହରକୁ ଧୂଳିମୁକ୍ତ, ମଶାମୁକ୍ତ କରାଯିବା, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ, ବୁଲା ଗାଈଗୋରୁଙ୍କ ସୁରକ୍ଷା ପାଇଁ କାଞ୍ଜି ହାଉସ ନିର୍ମାଣ, ଶବଦାହ ପାଇଁ ଆବଶ୍ୟକ କାଠ ଯୋଗାଣ ଦିଗରେ ବିହିତ ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ଦାବି ହୋଇଛି। ଏ ଦିଗରେ ବିହିତ ପଦକ୍ଷେପ ନିଆ ନ ଗଲେ ଭାଜପା ଆଇନ ଅମାନ୍ୟ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଭାଜପାର ବରଗଡ଼ ନଗର ସଭାପତି ଅକ୍ରୁର ମଲ୍ଲିକଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ବରିଷ୍ଠ ନେତା ସୁରେଶ୍ୱର ଶତପଥି, ପ୍ରୀତମ ସିଂ, ରବି ନାରାୟଣ ଦାଶ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ: ରାମପୁର ଚାମ୍ପିୟନ

**ବାଲିଶଙ୍କରା, ୧।୧୨( ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ରାଜା ବଙ୍ଗଳା ଖେଳ ପଡିଆରେ ରାମ ଜାନକୀ କ୍ରିକେଟ ଆସୋସିଏଶନ ତରଫରୁ ଆୟୋଜିତ ୫ ଦିବସୀୟ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ତଳସରା ବିଧାୟକ ଡା. ପ୍ରଫୁଲ୍ଲ ମାଝି ଓ ତ୍ରିବେଣୀ ମାଝି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟା (ଖ) ଜୋନ ଜୟନ୍ତୀ ଏକ୍କା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ମନୋଜ ସା, ଟଙ୍କଧର ପଣ୍ଡା, ଚନ୍ଦ୍ରମଣି ପ୍ରଧାନ, ରଜତ ପଟେଲ, ଦୁବରାଜ ବାରସତିଆ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ୮ ଓ ଛତିଶଗଡ଼ର ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଛତିଶଗଡ଼ ରାଜ୍ୟର ଖାଲ୍ସା ଇଲେଭେନ୍ ଲୁଡେକ୍ ବନାମ ଓଡ଼ିଶାର ରାମପୁର ମଧ୍ୟରେ ରୋମାଞ୍ଚକ ଭରା ମ୍ୟାଚ ଚାଲିଥିବାବେଳେ ପ୍ରଥମେ ରାମପୁର ବ୍ୟାଟିଂ କରି ୮ ଓଭରରେ ୧୩୧ ରନ କରିଥିଲା। ଖାଲ୍ସା ଇଲେଭେନ୍ ଲୁଡେକ୍ ୮ ଓଭରରେ ୭୫ ରନ କରିଥିଲା। ଚାମ୍ପିୟନ ରାମପୁର ଦଳକୁ କପ ସହ ୪୦ ହଜାର ଟଙ୍କା ଓ ରନର୍ସଅପ ଖାଲ୍ସା ଇଲେଭେନ୍ ଲୁଡେକ୍ ଦଳକୁ କପ ସହ ୩୦ ହଜାର ଟଙ୍କା ଅତିଥିଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା। ଅମ୍ପାୟାର ଭାବେ ରାଜା ଦାନୀ ଓ ପ୍ରଦୀପ ସାହୁ କାର୍ଯ୍ୟ ତୁଲାଇଥିଲେ। ବାଲିଶଙ୍କରା ରାମ ଜାନକୀ କ୍ରିକେଟ ଆସୋସିଏଶନର ବାବୁଲୁ ସା, ଅଶୋକ ସା (ଅମରେଶ ପୁରୀ), ରଜତ ପଟେଲ, ସୁଶାନ୍ତ ଦାନୀ, ଶ୍ରୀକାନ୍ତ ଦାନୀ, ଜଗଦୀଶ ସା, ରଞ୍ଜନ ବେସନ ପ୍ରମୁଖ ସହଯୋଗ କରିଥିଲେ ।

# ମନଇଚ୍ଛା ଆସୁଛନ୍ତି ବ୍ଲକ କର୍ମଚାରୀ

**କୁତ୍ରା,୧।୧୨(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା ପରିଷଦ ସିଇଓ ମାନସ ମହାଜନ କୁତ୍ରା ବ୍ଲକ କାର୍ଯ୍ୟାଳୟକୁ ଆକସ୍ମିକ ଭାବେ ତଦାରଖ କରିବା ପାଇଁ ଆସିଥିବା ବେଳେ ସକାଳ ୧୦ଟା୩୦ ପର୍ଯ୍ୟନ୍ତ ଅଧିକାରୁ ଅଧିକ କର୍ମଚାରୀ କାର୍ଯ୍ୟାଳୟରେ ପହଞ୍ଚି ନ ଥିବା ଦେଖିବାକୁ ପାଇଥିଲେ। ଯାହା ଫଳରେ ବିରକ୍ତି ଭାବ ପ୍ରକାଶ କରିବା ସହିତ ମୁଖ୍ୟ ଫାଟକକୁ ବନ୍ଦ କରିଦେଇଥିଲେ। କର୍ମଚାରୀଙ୍କ ଆଟେଣ୍ଡାଣ୍ଟ ସିଟ ଉପରେ ଗାର ପକାଇ ଦେଇଥିଲେ। ଏହି କାର୍ଯ୍ୟାଳୟରେ ପ୍ରାୟ ୫୦ ଜଣ କର୍ମଚାରୀ ଚାକିରୀ କରିଥିବା ବେଳେ ମାତ୍ର ୫ ରୁ ୬ ଜଣ କର୍ମଚାରୀ ଉପସ୍ଥିତ ରହିଥିଲେ। ଏପରିକି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧ୍ୟ ପହଞ୍ଚି ନ ଥିଲେ। ଆଗରୁ ମଧ୍ୟ କର୍ମଚାରୀ ଠିକ ସମୟରେ ଅଫିସ ଆସୁ ନ ଥିବା ସହିତ


ଜିଲା ପରିଷଦ ସିଇଓ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

ଠିକଭାବେ କାର୍ଯ୍ୟ କରୁ ନ ଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ହେଲେ ତାହାକୁ କେହି କର୍ଣ୍ଣପାତ କରୁ ନ ଥିଲେ। ଶୁକ୍ରବାର କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସି ନ ଥିବା ବେଳେ ଜିଲା ପରିଷଦ ସିଇଓ ତଦାରଖ ପାଇଁ ଆସିଥିଲେ। କର୍ମଚାରୀ ଆସି ନ ଥିବାରୁ ତାଙ୍କୁ କାର୍ଯ୍ୟାଳୟ ଭିତରେ ଅପେକ୍ଷା କରିଥିଲେ।

### ଗେଟ ବନ୍ଦ କରି ତାଗିଦ କଲେ ଜିଲା ପରିଷଦ ସିଇଓ

ବିଡିଓ ଆସିବା ପରେ ତାଙ୍କୁ ତାଗିଦ କରିବା ସହିତ ଆଗାମୀ ଦିନରେ ଏଭଳି ଭୁଲ ନ କରିବା ପାଇଁ କହିଥିଲେ। ଏଥିସହ ସମସ୍ତ କର୍ମଚାରୀଙ୍କୁ ତାଗିତ ମଧ୍ୟ କରିଥିଲେ। ପରେ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ଏହାକୁ ନେଇ ସିଇଓଙ୍କୁ ପଚାରିବାରୁ ସମସ୍ତ କର୍ମଚାରୀଙ୍କୁ ତଗିଦ କରାଯାଇଛି ଏବଂ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିବା କହିଛନ୍ତି। ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ସରକାର କର୍ମଚାରୀଙ୍କ ରହିବା ପାଇଁ କ୍ୱାଟର ନିର୍ମାଣ କରିଛନ୍ତି। ହେଲେ କୌଣସି କର୍ମଚାରୀ ଅଫିସ ହେଡ କ୍ୱାଟରରେ ରହୁ ନାହାଁନ୍ତି। ଏହି କ୍ୱାଟର ଗୁଡ଼ିକରେ ଅନ୍ୟତ୍ର କାର୍ଯ୍ୟ କରୁଥିବା କର୍ମଚାରୀମାନେ ରହୁଥିବା ଦେଖିବାକୁ ମିଳୁଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଜିତ୍


@ ଯୁଧିଷ୍ଠିର


@ ଦିଲ୍ଲୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି



**ହେମଗିର,୧।୧୨(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ବିଜାହାଣ୍ଡିସ୍ଥିତ ଜୁନାଡିହି ପଡିଆଠାରେ ଜିଲା ପ୍ରଶାସନ ତରଫରୁ ମେସସ ମହାନଦୀ ମାଇନସ ଆଣ୍ଡ ମିନେରାଲ ପ୍ରାଇଭେଟ ଲିମିଟେଡର ୧୧୦୦ ହେକ୍ଟର ପରିମିତ ଲିଜ୍ ଅଞ୍ଚଳରେ ୫.୨୬ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଜମି ଅଧିଗ୍ରହଣ କରିବାକୁ ପରିବେଶ ମଞ୍ଜୁରୀ ପାଇ ସର୍ବସାଧାରଣ ଜନ ଶୁଣାଣୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରିଜନାଲ ଅଫିସର ହରିନାରାୟଣ କୁମାର ନାଏକ,ଏଡିଏମ ଅଭିମନ୍ୟୁ ମାଝି, ଉପ ଜିଲାପାଳ ଦାଶରଥୀ ସରଭୁ, ହେମଗିର ବିଡିଓ ବିଶ୍ୱନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କମ୍ପାନୀରେ ବିଜାହାଣ୍ଡି, ବୁବରାକଛାର, ଝାରପଲମ ଓ ଗିରିସିମାର ଜମି ଅଧିଗ୍ରହଣ ହେଉଥିବା ବେଳେ ଲୋକେ ପ୍ରଥମେ ଗ୍ରାମ ସଭା ଓ ପରେ ପରିବେଶ ମଞ୍ଜୁରୀ ପାଇଁ ଜଣ ଶୁଣାଣି କରାଯାଉ ବୋଲି ଦାବି କରିଥିଲେ। ପରେ ଗ୍ରାମବାସୀଙ୍କ ତରଫରୁ ୧୬ ଦଫା ଦାବି କମ୍ପାନୀ ଓ ପ୍ରଶାସନକୁ ଦିଆଯାଇଥିଲା। ଏକର ପ୍ରତି ଜମିର କ୍ଷତି ପୂରଣ ବାବଦକୁ ୧କୋଟି ୫୦ଲକ୍ଷ ପ୍ରଦାନ କରିବା, ୨୦୧୩ ନିୟମ ଅନୁସାରେ ଘର,ଗଛ,କୂଅ ଆଦିର ମୂଲ୍ୟ ପ୍ରଦାନ କରିବା, ଦଖଲ କରିଥିବା ସରକାରୀ ଜମି ଓ ଜଙ୍ଗଲ ଜମିର ପଟା ପ୍ରଦାନ କରିବା, ଚାକିରି ବାବଦକୁ ୧କୋଟି ପ୍ରଦାନ କରିବା, ୪୦ବର୍ଷ ପରେ ମହିଳା ଓ ପୁରୁଷଙ୍କୁ ଆଜୀବନ ୫୦ହଜାର ଟଙ୍କା ଭତ୍ତା ପ୍ରଦାନ କରିବା,ବିସ୍ଥାପିତଙ୍କ କ୍ଷତି ପୂରଣ ଏକକାଳୀନ ଚେକ୍ ମାଧ୍ୟମରେ ପ୍ରଦାନ କରିବା, ୧୮ବର୍ଷ କିମ୍ବା ଅଧିକ ଥିବା ପୁଅ ଝିଅ କିମ୍ବା ବିବାହିତା ପୁଅ ଝିଅଙ୍କୁ ଯୋଗ୍ୟତା ଭିତ୍ତିରେ କୋଲା ଇଣ୍ଡିଆ ଆକ୍ଟ ଅନୁସାରେ ସ୍ଥାୟୀ ଚାକିରି ପ୍ରଦାନ କରିବା ପାଇ ଏଗ୍ରିମେଣ୍ଟ କରାଯାଉ ଆଦି ଦାବି ଗୁଡିକ କମ୍ପାନୀ ଓ ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ଏହି ଦାବି ଗୁଡିକ ଉପରେ କମ୍ପାନୀ ସହମତ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଜନ ଶୁଣାଣୀ ସମ୍ପୂର୍ଣ୍ଣ ହୋଇଥିଲା। ଏହି ଅବସରରେ ଗ୍ରାମର ବଶିଧର ପ୍ରଧାନ,ଗୋପାଳ ପଧାନ,ରାଜେନ୍ଦ୍ର ନାଏକ,ସେବକ ଦେହେରି,ପ୍ରଶାସନ ପ୍ରଧାନ, ନିରଞ୍ଜନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### କୋଲାବିରା ବ୍ଲକସ୍ତରୀୟ ବିଜ୍ଞାନ ମେଳା

**କୋଲାବିରା,୧।୧୨(ଚିନ୍ମୟ କୁମାର ବହିଦାର)**

କୋଲାବିରା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ଶୋଢାମାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଝାରସୁଗୁଡା ବିଧାୟିକା ଦିପାଳୀ ଦାସ ମୁଖ୍ୟ ଅତିଥି, ଅଲେଖ କୁମାର ଦ୍ୱିବେଦୀ ମୁଖ୍ୟବକ୍ତା ଓ ଏବିଇଓ ନିର୍ମଳା ଶତପଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା, ସ୍ଥାନୀୟ ସରପଞ୍ଚ ଚନ୍ଦନ ପଟ୍ଟନାୟକ, ଜିଲାପରିଷଦ ସଦସ୍ୟ ନୃପଲାଲ ପଶାୟତ, ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମେଳାରେ ମୋଟ ୧୨୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା ମୁଖ୍ୟବକ୍ତା ଓ ଏବିଇଓ ନିର୍ମଳା ଶତପଥି, ଡିଏସ୍‌ଏସ୍ ନିରୋଜ କୁମାର ପଟେଲ, ଇଂରାଜୀ ଭାଷା ପ୍ରଶିକ୍ଷକ ସଚିନ୍ଦ୍ର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଶିଶୁ ବୈଜ୍ଞାନିକଙ୍କୁ ପୁରସ୍କୃତ କରିଥିଲେ। ୧୦ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶନ ପାଇଁ ମନୋନୀତ ହୋଇଛି।

### କେନ୍ଦୁଡ଼ିହିରେ ଆତଙ୍କ ଖେଳାଉଛି ଦନ୍ତା

**ବୀରମିତ୍ରପୁର,୧।୧୨ (ସଞ୍ଜୀବ ରାଉତ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଦଲକି ପଞ୍ଚାୟତ ସଂଲଗ୍ନ କେନ୍ଦୁଡ଼ିହି ବସ୍ତିରେ ଏକ ଦନ୍ତା ହାତୀ ଆତଙ୍କ ଖେଳାଇଛି। ଧାନ ବିଲରେ ପଶି ଫସଲ ସବୁ ଦଳି ମକଚି ନଷ୍ଟ କରିଛି। ଏନେଇ ବସ୍ତିବାସିନ୍ଦା ବନ ବିଭାଗ ଅଧିକାରୀଙ୍କୁ ଜଣାଇଛନ୍ତି। ତେବେ ବିଭାଗୀୟ ବରିଷ୍ଠ ଅଧିକାରୀ ଆଗକୁ କି ପ୍ରକାର ପଦକ୍ଷେପ ଗ୍ରହଣ କରିବେ ତାହାକୁ ଅପେକ୍ଷା କରିଛନ୍ତି ବସ୍ତିବାସନ୍ଦା।

### ଭଗବତ୍ ଚେତନା ହିଁ ଆତ୍ମାର ପ୍ରକୃତ ସାର

**ରାଉରକେଲା/ବନ୍ଧମୁଣ୍ଡା,୧।୧୨ (ଦିନେଶ ମିଶ୍ର/ସୁବ୍ରତ ଦେ)**

ବନ୍ଧମୁଣ୍ଡା ସେକ୍ଟର-ବି ସ୍ଥିତ ଆମ୍ବେଡ଼କର ଗ୍ରାଉଣ୍ଡ ପଡିଆରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶ୍ରୀମଦ ଭଗବତ ଗୀତାର ଆଧ୍ୟାତ୍ମିକ ରହସ୍ୟବାଣୀ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଦକ୍ଷିଣ-ପୂର୍ବ ରେଲୱେର ଏଆର୍‌ଏମ୍ ପାଣ୍ଡେ ସତ୍ୟଦେବ କସୁଆ, ସିଆଇଏସ୍‌ଫ କମାଣ୍ଡାଣ୍ଟ ଅଶୋକ ଜଲାନି, ଏନ୍‌ଏସ୍‌ପିସିଏଲ୍‌ର ଏଜିଏମ୍ ଅରୁଣ କୁମାର ସାହୁ ଓ ସୁନ୍ଦରଗଡ ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ଜ୍ୟୋସ୍ନା ଦିଦି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀମଦ୍ ଭଗବତ ଗୀତାରେ ଆଧ୍ୟାତ୍ମିକ ରହସ୍ୟ କଣ ରହିଛି ସେ ନେଇ ଅତିଥିଗଣ ମତପ୍ରକାଶ କରିଥିଲେ। ବନ୍ଧମୁଣ୍ଡା ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ରର ସଞ୍ଚାଳିକା ଜ୍ୟୋତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆତ୍ମାର ସଦ୍‌ଗତି ପାଇଁ ଭଗବତ ଚେତନା ଶକ୍ତି ନିତାନ୍ତ ଆବଶ୍ୟକ ବୋଲି ସୁନ୍ଦରଗଡ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଜ୍ୟୋସ୍ନା ମତ ଦେଇଥିଲେ। ପ୍ରତ୍ୟେକ ଘରେ ଭାଗବତର ପ୍ରସାର ପ୍ରଚାର କରିବା ପାଇଁ ବ୍ରହ୍ମାକୁମାରୀ କଞ୍ଚନ ଦିଦି କହିଥିଲେ। ଏହି ଅବସରରେ ଏକ ବାଇକ ରାଲି ଅନୁଷ୍ଠିତ ହୋଇଥିଲା। ପରେ ଉକ୍ତ ଅଞ୍ଚଳରେ ଏକ କଳସଯାତ୍ରା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ରାଜଯୋଗ ଶିକ୍ଷୟିତ୍ରୀ ଶ୍ୱେତା, ବବି, ଦୀପିକା, ପ୍ରଭାତୀ, ରୀତା, ସୁମତି ପ୍ରମୁଖ ସହଯୋଗ କରିଥିଲେ।

# ବାଲିଶଙ୍କରାରେ ସ୍ୱଚ୍ଛ ଭାରତ ମିଶନ

**ବାଲିଶଙ୍କରା,୧।୧୨(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ରାଜପୁର ବାଉରିମୁଣ୍ଡା ଗ୍ରାମରେ ଅଭିନବ ପ୍ରୟାସ ସଂଗଠନ ତରଫରୁ ସ୍ୱଚ୍ଛ ଭାରତ ମିଶନ ପାଳିତ ହୋଇଯାଇଛି। ସାଧାରଣ ସମ୍ପାଦିକାଙ୍କ ତତ୍ତ୍ୱାବଧାନରେ ଏହି ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିବାବେଳେ ସାଧାରଣ ସମ୍ପାଦିକା ସନ୍ତୋସିନୀ ତଣ୍ଡିଆ, ମଧୁସୂଦନ ଲାରଙ୍ଗ, ଉଦ୍ଧବ ତନ୍ତି, ଦୀପକ ପାତ୍ର, ରିତୁ ଜୟପୁରିଆ, ସନ୍ତୋସିନୀ ଦୁତିଆ, ମିନା ଲାରଙ୍ଗ, ସୁରେଖା ଦୁତିଆ, ସୁନିତା ଦୁତିଆ, ସରିତା କରାଲି, ସୁଶୀଳା ବୁଡା, ଜାନକୀ ତଣ୍ଡିଆ, ଗଜରାଜ ଦୁତିଆ, ବିମଳେନ୍ଦୁ ଲାରଙ୍ଗ, ରମେଶ



ତଣ୍ଡିଆ, ଆକାଶ ଲାରଙ୍ଗ, ତପନ ଲାରଙ୍ଗ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ରହି ହରିଜନ ପଡାରେ କୋଦାଳ, ଝାଡୁ,ଘମଳା ଧରି ଗ୍ରାମର ମୁଖ୍ୟ ରାସ୍ତାରୁ ସଫେଇ କରିଥିଲେ। ଶେଷରେ ଏକ ସଭାର ଆୟୋଜନ କରାଯାଇଥିଲା। କିପରି ଘର ଅଗଣା, ରାସ୍ତାକଡ଼, ନାଳନର୍ଦ୍ଦମାର ଅଳିଆ ଆବର୍ଜନା ସଫାକରି ନିରୋଗୀ ରହିବା ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଦୀପକ ପାତ୍ର ବୁଝାଇଥିଲେ।

### ଧାନ, ପନିପରିବା ଚାଷ ନଷ୍ଟ କଲେ ହାତୀ

**ବଡ଼ଗାଁ,୧।୧୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଗତ ୪ ମାସ ହେଲା ହାତୀ ପଲଙ୍କ ଉପଦ୍ରବ ଜାରି ରହିଛି। ଗୁରୁବାର ରାତିରେ ୨୨ ଟିକିଆ ହାତୀପଲ ତୁଡାଲଗା ପଞ୍ଚାୟତର ବାଇବାଇ ଗାଁ ନିକଟ ନଦୀ ତଟରେ ଧାନ ଚାଷ ଓ ପନିପରିବା ଚାଷ ନଷ୍ଟ କରିଦେଇଛନ୍ତି। ବାଇବାଇ ଗ୍ରାମର ସନ୍ତୋଷ କୁମାର ପୃଷେଟ ଓ ବଳଭଦ୍ର ସାଙ୍କ ଧାନ ଖାଇ ଦେଇଥିବାବେଳେ ଯାଦବ ସାଙ୍କ ପନିପରିବା ଚାଷ ଓ ତଳି ମାଡ଼ି ନଷ୍ଟ କରିଦେଇଛନ୍ତି। ସୂଚନଯୋଗ୍ୟଯେ, ଚଳିତ ବର୍ଷ ଜୁଲାଇ ମାସରୁ ଅଞ୍ଚଳରେ ହାତୀ ଉପଦ୍ରବ ଆରମ୍ଭ ହୋଇଛି। ଗତ ୪ ମାସ ମଧ୍ୟରେ ହାତୀପଲ ୨୩ ଜଣଙ୍କ ଘର ଭାଙ୍ଗି ଦେଇଥିବାବେଳେ ୮୨ ଜଣଙ୍କ ଚାଷ ନଷ୍ଟ କରିଥିଲେ। ହାତୀ ଆକ୍ରମଣରେ ଟିମନା ଗ୍ରାମର ବିପିନ ଟପ୍ପୋ, ଲାଖପଡା ଗ୍ରାମର ବିରେନ ଚନ୍ଦ୍ର କିଷାନ ଓ ଗରଗଡବାହାଲ ଗ୍ରାମର ହିରାଲାଲ ବେହେରାଙ୍କ ମୃତ୍ୟୁ ହୋଇଛି। ୪୦ଟି ହାତୀ ବଡ଼ଗାଁ ଓ କୁତ୍ରା ବ୍ଲକ୍ ଅଞ୍ଚଳରେ ଉପଦ୍ରବ କରୁଛନ୍ତି। ଏହି ହାତୀପଲରୁ ୨୨ଟି ବଡ଼ଗାଁ ଅଞ୍ଚଳକୁ ଆସିଥିବା ଜଣାପଡିଛି।

# ବିଜ୍ଞାନ ମେଳାରେ ୨୧୧ ପ୍ରୋଜେକ୍ଟ ପ୍ରଦର୍ଶିତ

**ସବ୍‌ଡେଗା,୧।୧୨ (ଅନନ୍ତ ପଟେଲ)**

ସୁନ୍ଦରଗଡ ଜିଲା ସବ୍‌ଡେଗାରେ ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ନ୍ୟୁ ଓଡିଶା ଉଚ୍ଚ ବିଦ୍ୟାଳୟ ଗାଇବିରାଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୁନ୍ତୀ ପ୍ରଧାନ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗ ଧର ବରିହା, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ତହସିଲଦାର ବେଦବ୍ୟାସ ଭୋଇ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରୋହିତ କିରୋ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୨୧୧ଟି ପ୍ରୋଜେକ୍ଟ ପ୍ରଦର୍ଶିତ ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ କାଦମ୍ବିନୀ ମିସିରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏବିଇଓ ବେଦବ୍ୟାସ ପଟେଲଙ୍କ ନେତୃତ୍ୱରେ ସିଆର୍‌ସିସି ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ଏହି ମେଳା ସମ୍ପନ୍ନ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ ବୋଲି ବିଇଓ ସୂଚନା ଦେଇଥିଲେ। କଲ୍ୟାଣୀ ବରିହା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ବିଜ୍ଞାନ ମେଳାରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

# ଆର୍‌ଏସ୍‌ପିର ୧୦ ଅଧିକାରୀଙ୍କୁ ମାର୍ଗ ପ୍ରଦର୍ଶକ ପୁରସ୍କାର

**ରାଉରକେଲା,୧।୧୨(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ପ୍ରୋତ୍ସାହନ ଯୋଜନା ମାର୍ଗ ପ୍ରଦର୍ଶକ ଦ୍ୱିତୀୟ ସଂସ୍କରଣରେ ଇ-୬ ଗ୍ରେଡ୍ ପର୍ଯ୍ୟନ୍ତ ୧୦ଜଣ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି। ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଇଣ୍ଡୋ ଜର୍ମାନ କ୍ଲବଠାରେ ୧୦ ଅଧିକାରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ପାଇଥିବା ଅଧିକାରମାନେ ହେଲେ ସିଣ୍ଟରିଂ ପ୍ଲାଣ୍ଟ-୧ ବିଭାଗର ଏଜିଏମ୍ ମହେନ୍ଦ୍ର କୁମାର ତରେଇ, ଷ୍ଟିଲ ମେଲ୍ଟିଂ ଶପ୍-୧ ବିଭାଗର ଏଜିଏମ୍ ଅରୁଣ କୁମାର ନାୟକ, ପ୍ଲେଟ ମିଲ ବିଭାଗର ସିନିୟର ମ୍ୟାନେଜର ଅର୍ଜୁନ ପଟ୍ଟନାୟକ, ସି ଆଣ୍ଡ ଆଇଟି ବିଭାଗର ଏଜିଏମ ବିଜୟ ପ୍ରକାଶ ଆର୍ଯ୍ୟା, ସିପିପି-୧ ବି ଆଣ୍ଡ ଟିଓ ବିଭାଗର ମ୍ୟାନେଜର ଶିବାନନ୍ଦନ, ଟ୍ରାଫିକ ଏବଂ କଞ୍ଚାମାଲ ବିଭାଗ ମ୍ୟାନେଜର ଧୀରଜ କୁମାର,


ଅତିଥିମାନଙ୍କ ଗହଣରେ ପୁରସ୍କୃତ ଅଧିକାରୀ ଓ ସେମାନଙ୍କ ସହଧର୍ମିଣୀ।

ଏମ୍. ଏମ୍. ପରଚେଜ ବିଭାଗର ସିନିୟର ମ୍ୟାନେଜର ବିପିନ ନାରାୟଣ, ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ସୁସ୍ମିତ କୌର ଏବଂ ପ୍ରକଳ୍ପ ବିଭାଗର ଡିଜିଏମ ଅନୁପମ କୁମାର ଦାସ। ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବି. କେ ହୋତା, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। କାରଖାନାର ଉତ୍ପାଦନ, ଉତ୍ପାଦକତା, ବୈଷୟିକ ଆର୍ଥିକ ପରିମାପକତା, ଗୁଣବତ୍ତା, ସୁରକ୍ଷା, ରକ୍ଷଣାବେକ୍ଷଣ ଅଭ୍ୟାସ ଓ ମୂଲ୍ୟ ହ୍ରାସ/ଡିଜିଟାଲାଇଜେଶନ ବ୍ୟବସ୍ଥା ଉନ୍ନତି ଦିଗରେ ପ୍ରଗତି ଆଣିବାରେ ମାର୍ଗ ପ୍ରଦର୍ଶକ ସାଜୁଥିବା ଅଧିକାରୀଙ୍କୁ ଏହି ପୁରସ୍କାର ମିଳିଥାଏ। ଏହି ଅବସରରେ ଭୌମିକ ପୁରସ୍କୃତ ଅଧିକାରୀମାନଙ୍କୁ ଆଗକୁ କାରଖାନାର ଅନ୍ୟ କର୍ମଚାରୀମାନଙ୍କ ପାଇଁ ଦକ୍ଷ ମାର୍ଗଦର୍ଶକ ସାଜି ପ୍ରେରଣାର ସୂତ୍ରଧର ସାଜିବାକୁ ଆହ୍ୱାନ କରିଥିଲେ। କାର୍ମିକ ଓଡି ବିଭାଗର ଜିଏମ ଏସ୍. ବଡପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ପ୍ରବନ୍ଧକ ସୁଶ୍ରୀ ସିମ୍ପି ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ରାଜ୍ୟସ୍ତରୀୟ ଦିଲିପ ଚାନ୍ଦ ସ୍ମାରକୀ କବାଡି ଟୁର୍ଣ୍ଣାମେଣ୍ଟ, ଫାଟକ ଦୁର୍ଗାପୂଜା ପଡିଆ, ସକାଳ ସାଢ଼େ ୮ଟା।
- କଖଗ ଆୟୋଜିତ ନାଟ୍ୟଶୋଭ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା।
- ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୨ଟା।

## ସଂକ୍ଷେପରେ

### ମୃତଦେହ ସତ୍କାର ପାଇଁ ଆର୍ଥିକ ସହାୟତା

ସମ୍ବଲପୁର,୧।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ ପେନ୍‌ସନପଡ଼ା ନିବାସୀ ଦୀପକ ମାଝିଙ୍କ ମୃତଦେହ ସତ୍କାର ପାଇଁ ବରିଷ୍ଠ ବିଜେଡି କର୍ମୀ ହରଦୀପ ସିଂ ଭୁର୍ଜି (ବବି) ପରିବାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ଦୀପକ କୌଣସି ରୋଗରେ ପୀଡ଼ିତ ହୋଇ କଟକରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ମୃତଦେହକୁ ଏକ ଆମ୍ବୁଲାନ୍ସରେ ସମ୍ବଲପୁର ଅଣାଯାଇଥିଲା। ହେଲେ ଆର୍ଥିକ ଅନଟନରେ ଥିବା ପରିବାର ଲୋକଙ୍କ ନିକଟରେ ଆମ୍ବୁଲାନ୍ସ ଭଡ଼ା ଦେବାକୁ ଅର୍ଥ ନ ଥିଲା। ଖବର ପାଇ ବବି ତାଙ୍କ ଘରେ ପହଞ୍ଚି ଦୀପକଙ୍କ ସ୍ତ୍ରୀ ବିନୀତାଙ୍କୁ ଆମ୍ବୁଲାନ୍ସ ଭଡ଼ା ସହ ମୃତଦେହ ସତ୍କାର ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ବବିଙ୍କ ସହ ମହିଳା ବିଜେଡି କର୍ମୀ ଲିଜିମା ମଲ୍ଲିକ, ହରେକୃଷ୍ଣ ସରାଫ, ଗୌତମ କୋଷ, ବରୁଣ କୁମ୍ଭାର, ଅମିନା ଖାତୁନ, ସୁରମା ରାଜହଂସ ପ୍ରମୁଖ ସାମିଲ ଥିଲେ।

### ତାଲିମ ନେଲେ ୩ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ

ସମ୍ବଲପୁର,୧।୧୨(ପ୍ରମୋଦ ବହିଦାର)

ଧନକଉଡ଼ା ବ୍ଲକରେ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ସମୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରଜମୋହନ ପଟ୍ଟନାୟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ନଭେମ୍ବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଶିବିର ହୋଇଥିଲା। ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧୀନସ୍ଥ ପ୍ରାୟ ୩ ଶହ ଶିକ୍ଷକ ଶିକ୍ଷୟିତ୍ରୀ ୬ଟି ପର୍ଯ୍ୟାୟରେ ତାଲିମ ଗ୍ରହଣ କରିଥିଲେ। ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳ ତାଲିମ ଶିବିର ପରିଦର୍ଶନ କରି ତାଲିମର ମହତ୍ତ୍ୱ ଓ ବିଦ୍ୟାଳୟଗୁଡ଼ିକରେ ଏହାର ସଫଳ ରୂପାୟନ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ମିଶ୍ର ଶିବିର ପରିଚାଳନା ପୂର୍ବକ ଶିକ୍ଷାଦାନ କ୍ଷେତ୍ରରେ ଏହାର ପ୍ରୟୋଗ ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକ ଭାବେ ଯୋଗଦେଇ ରଚନା ସିଂ, ବଞ୍ଜୁରାଣୀ ବେହେରା, ମାନସ ରଞ୍ଜନ ପଣ୍ଡା ଓ ବିଶ୍ୱଜିତ ଓରାମ ଯୋଗଦେଇଥିଲେ।

# ଗୋରୁ ବେପାରୀଙ୍କୁ ମାଡ଼ମାରି ୫୦ ହଜାର ଲୁଟ୍

କୁଚିଣ୍ଡା,୧।୧୨(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା ମହୁଲପାଲି ଥାନା ଲାଙ୍ଗବାହାଲ ଛକ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଗୋରୁ ବେପାରୀଙ୍କୁ ଦୁର୍ବୃତ୍ତମାନେ ମାଡ଼ମାରି ବୋଲେରୋ ଡ୍ରାଇଭରଙ୍କୁ ଗଛରେ ବାନ୍ଧି ଗାଡି ପୋଡିବା ସହ ତାଙ୍କଠାରୁ ୫୦ ହଜାର ଟଙ୍କା ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଆଇପିସି ଧାରା ୪୩୫/୩୯୫/୩୪ରେ ଏକ ମାମଲା (ନଂ.୧୬୩/୨୩) ରୁଜୁ କରି ଘଟଣାରେ ଜଡିତ ୬ଜଣଙ୍କୁ ଅଟକ ରଖି ତଦନ୍ତ କରୁଥିବା ଏସ୍‌ଡିପିଓ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ କେନ୍ଦୁଝର ଜିଲାର ଗୁରୁଚରଣ ଗିରି ନାମକ ଜଣେ ଗୋରୁବେପାରୀ ଝରିଆବାହାଲ ଗୋରୁ ହାଟରୁ ୪୦ଟି ଗୋରୁ କିଣି ନେଉଥିଲେ। ଗୁରୁବାର ବିଳମ୍ବିତ ରାତିରେ ଶ୍ରମିକ ଗୋରୁଙ୍କୁ ଚଲାଇ ଚଲାଇ ନେଉଥିବାବେଳେ ଗୁରୁଚରଣ ବୋଲେରୋ (ନଂ.ଓଡି୦୯ଆର-୨୬୫୯)ରେ ତାଙ୍କ ସାଥିରେ ଯାଉଥିଲେ। ମହୁଲପାଲି ଥାନା ଲାଙ୍ଗବାହାଲ ଛକ ନିକଟରେ ୭/୮ଜଣ ଦୁର୍ବୃତ୍ତ ହଠାତ୍ ପହଞ୍ଚି ତାଙ୍କୁ ଓ ବୋଲେରୋ



ପୋଡିଦିଆଯାଇଥିବା ବୋଲେରୋ।

### ଡ୍ରାଇଭରଙ୍କୁ ଗଛରେ ବାନ୍ଧି ବୋଲେରୋ ପୋଡ଼ି

ଡ୍ରାଇଭରଙ୍କୁ ମାଡ ମାରି ତାଙ୍କଠାରୁ ୫୦ହଜାର ଟଙ୍କା ଲୁଟି ନେଇଥିଲେ। ପରେ ସେମାନେ ବୋଲେରୋକୁ ନେଇ ରାଜବନ୍ଧ ଜଙ୍ଗଲରେ ପୋଡି ଦେଇଥିଲେ। ଏଥିରେ ଆହତ ଗୁରୁଚରଣ ଓ ଡ୍ରାଇଭର ସୁନ୍ଦରଗଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅଭିଯୋଗ ପରେ ପୋଲିସ ୬ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ପଣ୍ଡା କହିଛନ୍ତି। ମହୁଲପାଲି ଥାନା ଏସ୍‌ଆଇ ଦିଲିପ ବେହେରା ଘଟଣାର ତଦନ୍ତ କରୁଛନ୍ତି।

# ନ୍ୟାୟ ଦାବିରେ ବୁର୍ଲାବାସୀଙ୍କ ସମାବେଶ

ସମ୍ବଲପୁର,୧।୧୨(ପ୍ରମୋଦ ବହିଦାର)

ବୁର୍ଲାବାସୀଙ୍କୁ ଜମିପଟ୍ଟା ଦେବା ବଦଳରେ ମହାନଗର ନିଗମ ପକ୍ଷରୁ ହୋଇଥିବା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ବୁର୍ଲାବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଜବରଦଖଲ ହେତୁ ଦୀର୍ଘଦିନରୁ ବୁର୍ଲାରେ ଛୋଟମୋଟ ବ୍ୟବସାୟ କରୁଥିବା ଲୋକଙ୍କ ଜୀବିକା ପ୍ରଭାବିତ ହୋଇଛି। ତେଣୁ ଏଭଳି ଲୋକଙ୍କୁ ନ୍ୟାୟ ପ୍ରଦାନ ସ୍ୱରୂପ ଆର୍ଥିକ କ୍ଷତିପୂରଣ ଦାବିରେ ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ଏକ ସମାବେଶ ଆୟୋଜିତ ହୋଇଥିଲା। ବୁର୍ଲା କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଆୟୋଜିତ ସମାବେଶରେ ବୁର୍ଲାର ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ, ବ୍ୟବସାୟୀ ସଂଘ, ବିଭିନ୍ନ ସାମାଜିକ ଅନୁଷ୍ଠାର କର୍ମକର୍ତ୍ତା ଯୋଗ ଦେଇଥିଲେ।

କର୍ମକର୍ତ୍ତା ଦର୍ଶାଇଥିଲେ, ବୁର୍ଲା ସହରର ଅନେକ ପରିବାର ବନ୍ଦୋବସ୍ତ ତାଲିକାଭୁକ୍ତ ହୋଇ ଦୀର୍ଘଦିନରୁ ନିୟମିତ ଭାବେ ଟିକସ୍ ମଧ୍ୟ ପଇଠ କରିଆସୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ସେମାନେ ଜମିପଟ୍ଟା ପାଇବାରୁ ବଞ୍ଚିତ ରହିଛନ୍ତି। ନିକଟରେ ସମଲେଇ ପ୍ରକଳ୍ପରେ ବିସ୍ଥାପିତ ପରିବାର ସରକାରଙ୍କ ଦ୍ୱାରା ଥଇଥାନ ହୋଇ ସାରିଥିବା ବେଳେ ବୁର୍ଲାରେ ଏହାର ବ୍ୟତିକ୍ରମ ଦେଖାଦେଇଛି।



ସମାବେଶରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

### କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ

ସମଲେଇ ପ୍ରକଳ୍ପରେ ବିସ୍ଥାପିତ ପରିବାରଙ୍କୁ ଘର ଓ ଦୋକାନ ପାଇଁ ୪ ଡେସିମିଲ ପରିମିତ ଜମି ସହ ଆର୍ଥିକ କ୍ଷତିପୂରଣ ପ୍ରଦାନ ଭଳି ବୁର୍ଲା ବାସିନ୍ଦାଙ୍କୁ ମଧ୍ୟ ଅନୁରୂପ କ୍ଷତିପୂରଣ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଉ। ଜମିପଟ୍ଟା ପ୍ରଦାନ ପୂର୍ବରୁ ଏକ ଜନଶୁଣାଣି ଆୟୋଜନ ପାଇଁ ସେମାନେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି। ଏହାସହିତ ଜମିପଟ୍ଟା ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ଅନ୍ୟ କୌଣସି ଜବରଦଖଲ ଉଚ୍ଛେଦ ଜନିତ ଘରଭଙ୍ଗା ଅଭିଯାନକୁ ସ୍ଥଗିତ ରଖି କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ଥଇଥାନ ସହ ଆର୍ଥିକ କ୍ଷତିପୂରଣ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ତେବେ ଏ ନେଇ ପ୍ରଶାସନ ପକ୍ଷରୁ ନିର୍ଭର ପ୍ରତିଶ୍ରୁତି ଦିଆ ନ ଗଲେ ଆଗାମୀ ଦିନରେ ବୁର୍ଲାବାସୀ ଦୁର୍ବାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବିଶ୍ୱ ଏଡ୍‌ସ ଦିବସ: ହିଣ୍ଡାଲ୍‌କୋ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ

ସମ୍ବଲପୁର,୩୦।୧୧(ବି.ଶଙ୍କର)

ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ହୀରାକୁଦ କେଉଁଟପଡା ଓ ଗୁଜାଟଲଠାରେ ବିଶ୍ୱ ଏଡ୍‌ସ ଦିବସରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେଉଁଟପଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଡାକ୍ତର ହିମାଂଶୁ ସିଂ ପରିଚାଳନା କରିଥିଲେ। ପଡାର ଯୁବକଙ୍କ ସମେତ ବିଭିନ୍ନ ଗୋଷ୍ଠୀର ଜନସାଧାରଣ ଉପସ୍ଥିତ ଥିଲେ। ଏଡ୍‌ସ ରୋଗର ଭୟାବହତା ଏବଂ ଏଥିରୁ ନିବୃତ୍ତ ରହିବାର ଉପାୟ ବିଷୟରେ ସଚେତନ କରିବା ସହ ସୁନ୍ଦର ସମାଜ ଗଠନ କରିବାକୁ ସମସ୍ତେ ଶପଥ ନେଇଥିଲେ। ସେହିପରି କାପୁପଡ଼ା ଗେଟ ନିକଟରେ ଟ୍ରକ୍ ଚାଳକମାନଙ୍କୁ ସଚେତନ କରାଯାଇଥିଲା। ଲରପଙ୍କ ନିକଟ ପାର୍କିଂ ଅଞ୍ଚଳଠାରେ ଜନସଚେତନା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ ଦାସ ଯୋଗଦେଇ ଟ୍ରକ ଚାଳକମାନଙ୍କୁ ଅସୁରକ୍ଷିତ ଯୌନ ସମ୍ପର୍କଠାରୁ ଦୂରେଇ ରହିବା ସହ ଏଡ୍‌ସ ରୋଗକୁ ନେଇ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଏଥିରେ ହିଣ୍ଡାଲ୍‌କୋ ପରିପାର୍ଶ୍ୱିକ ବିଭାଗର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ପ୍ରବନ୍ଧକ ଆନନ୍ଦ କୁମାର ଚକ୍ରବର୍ତ୍ତୀ, ସରୋଜ କୁମାର ଆଚାର୍ଯ୍ୟଙ୍କ ସମେତ ସିଏସ୍‌ଆର୍ ବିଭାଗର କର୍ମକର୍ତ୍ତା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ହିଣ୍ଡାଲକୋ ପକ୍ଷରୁ ଏଡସ ସଚେତନତା କାର୍ଯ୍ୟକ୍ରମ।

### ନୂଆ-ଓ କାର୍ଯ୍ୟକ୍ରମରେ କ୍ରିକେଟ ମ୍ୟାଚ

ସମ୍ବଲପୁର,୧।୧୨ (ଭବାନୀ ଶଙ୍କର ଭୋଇ)

ହୀରାକୁଦ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ ଯୁବ ବିକାଶ ତରଫରୁ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ସୁମିତ୍ରା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଯୁବବିକାଶ ଉପରେ ଏକ ସଭା ହୋଇଥିଲା। ଏଥିରେ ପୂର୍ବତନ ବିଜେଡି ସଭାପତି ଡ. ପ୍ରମୋଦ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଜେଡି ସାଧାରଣ ସମ୍ପାଦକ ସୁରେନ୍ଦ୍ର ବିଶ୍ୱାଳ, ଯୁବ ସମନ୍ୱୟ ବିକାଶର କ୍ରୀଡ଼ା ବିଭାଗର ନୋଡାଲ ଅଧିକାରୀ ଡ. ଅକ୍ଷୟ କୁମାର ସୁତାର ସଭା ସଂଯୋଜନା କରିଥିଲେ । ଇଂରାଜୀ ବିଭାଗର ମୁଖ୍ୟ ଶ୍ରୀମନ୍ତିକା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ବିକାଶ ଦିଗରେ କ୍ରୀଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସରକାରଙ୍କ ଯୁବବିକାଶ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବ ବୋଲି ମୁଖ୍ୟ ଅତିଥି କହିଥିଲେ। ଶେଷରେ ବାଣିଜ୍ୟ ବିଭାଗର ମୁଖ୍ୟ ଏସ୍.କେ. ପାଇକନ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଦର୍ଶ ବିଦ୍ୟାଳୟ ପାଇଁ ବସ୍ ସେବାର ଶୁଭାରମ୍ଭ

ରେଙ୍ଗାଲି,୧।୧୨(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଏଲ୍‌ସି କମ୍ପାନୀ ପକ୍ଷରୁ ଏକ ବସ୍ ସେବାର ଶୁଭାରମ୍ଭ କରାଯାଇଛି। ଖିଣ୍ଡା ଗ୍ରାମର ଛାତ୍ରୀଛାତ୍ର ବହୁ ଅସୁବିଧାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପଢିବା ପାଇଁ ଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି କମ୍ପାନୀର ସିଏସ୍‌ଆର୍ ପାଣ୍ଠିରୁ ବସ୍ ସେବା ଆରମ୍ଭ କରାଯାଇଛି। ଖିଣ୍ଡା ସରପଞ୍ଚ ସନ୍ଧ୍ୟାରାଣୀ ପଧାନ ଓ ସମିତି ସଭ୍ୟା ଅନିତା ସିଂ ଏହି ସେବାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର କେ ସତ୍ୟ ପ୍ରକାଶ, ନିରାଜ ସିନ୍ହା, ସୁବ୍ରତ ବିଶାଳ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବିଜେଡି ଜିଲା ଉପସଭାପତି କିରଣ ବେହେରା, ବ୍ଲକ ବିଜେଡି ଛାତ୍ର ସଭାପତି ବାବୁଲୁ ରାଉତଙ୍କ ସହ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଜିତ୍



@ ଯୁଧିଷ୍ଠିର



@ ଦିଲ୍ଲୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


### ଅବସରକାଳୀନ ସମ୍ବର୍ଦ୍ଧନା

ସମ୍ବଲପୁର,୧।୧୨ (ଭବାନୀ ଶଙ୍କର ଭୋଇ)

ଯୁଯୁମୁରା ବ୍ଲକ କବରାପାଲି ବୀର ସୁରେନ୍ଦ୍ର ସାଏ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଗଦୀଶ ଭୋଇଙ୍କ ସମ୍ବର୍ଦ୍ଧନା ଦିଆଯାଇଛି। ବୀର ସୁରେନ୍ଦ୍ର ସାଏ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛତ୍ର ସାମିଲ ହୋଇଥିଲେ। ଏହି ଅବସରରେ ଜଗଦୀଶ ନିଜ ଅତୀତ ଦିନର ସ୍ମୃତି ବଖାଣିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦିଆଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ରକ୍ତଦାନ ଶିବିର, ଏଡ୍‌ସ ସଚେତନତା

ନାକଟିଦେଉଳ,୧।୧୨(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଏକ ରକ୍ତଦାନ ଶିବିର ସହ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ୟୁଥ୍ ରେଡ୍‌କ୍ରସ୍‌ର ସଂଯୋଜକ ଅଧ୍ୟାପକ ଦେବେଶ ବିଶ୍ୱାଳଙ୍କ ନେତୃତ୍ୱରେ ରେଡ୍ ରିବନ କ୍ଲବର ୫୦ଜଣ ସଦସ୍ୟ ଶୋଭାଯାତ୍ରାରେ ବାହାରି ଏଡ୍‌ସ ରୋଗ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ସରାପାଲି ଗ୍ରାମ ପରିକ୍ରମା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମହାବିଦ୍ୟାଳୟ ପରିସରରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ସଭାରେ ନାକଟିଦେଉଳ ଜୋନ-୨ର ଜିଲା ପରିଷଦ ସଭ୍ୟା ଟିକେଶ୍ୱରୀ ମେହେର ମୁଖ୍ୟ ଅତିଥି ଓ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଷ୍ଣୁପ୍ରସାଦ ମହାନ୍ତ, ରେଢାଖୋଲ ରକ୍ତ ଭଣ୍ଡାରର ଇନ୍ଦ୍ରମଣି ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚେତନତା ହିଁ ଏଡ୍‌ସ ରୋଗର ଏକମାତ୍ର ନିରାକରଣ ବୋଲି ପ୍ରକାଶ କରିଥିଲେ। ଶେଷରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟ ପରିସରରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୋଟ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସମସ୍ତ ରକ୍ତଦାତାଙ୍କୁ ରେଢ଼ାଖୋଲ ରକ୍ତଭଣ୍ଡାର ପକ୍ଷରୁ ପ୍ରମାଣପତ୍ର ସହିତ ଜର୍ସି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ରକ୍ତଦାତାମାନେ।

# ଦୁର୍ନୀତି ବିରୋଧରେ ଭାଜପାର ବିକ୍ଷୋଭ

ସମ୍ବଲପୁର,୧।୧୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଗଠନ ହେବାର ୧୦ବର୍ଷ ପରେ ବି ନିଗମ ନିର୍ବାଚନ ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ମହାନଗର ନିଗମ ପ୍ରଶାସନିକ ବ୍ୟବସ୍ଥା ଅଧୀନରେ ରହିଥିବାରୁ ଦୁର୍ନୀତି, ଭ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣ ଚାଲିଥିବା ଅଭିଯୋଗକରି ଭାଜପା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

ସହରର ବାଲିବନ୍ଧା ଓ ଲକ୍ଷ୍ମୀଟକିଜ ଛକରୁ ପୃଥକ୍ ଶୋଭାଯାତ୍ରାକରି ଦଳୀୟ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ସମାବେଶ କରି କର୍ମକର୍ତ୍ତା ଅଭିଯୋଗ କରିଥିଲେ। ନିର୍ବାଚନ ହେଉ ନ ଥିବାରୁ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ମହାନଗର ନିଗମ ଅଞ୍ଚଳବାସୀଙ୍କୁ ସର୍ବନିମ୍ନ ସୁବିଧା ମିଳିପାରୁ ନାହିଁ। ଗୋଟିଏ ବି ରାସ୍ତା ଠିକ୍ ନ ଥିବା ବେଳେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ନ ଥିବାରୁ ମାସ ମାସ ଧରି ରାସ୍ତା ଖୋଳାହୋଇ ପଡିରହୁଛି। ଫଳରେ ଲୋକେ ଯାତାୟାତ ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ଗରିବ ଲୋକଙ୍କୁ ଲାଞ୍ଚ ଦେବାକୁ ପଡୁଛି। ସହରରେ ବିଜ୍ଞାପନ ହୋର୍ଡିଂ ଓ ସଫେଇ କାମରେ ଠିକ୍ ଢଙ୍ଗରେ ଟେଣ୍ଡର ହେଉନାହିଁ। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଅମୃତ ଧାରା ଯୋଜନାରେ ବ୍ୟାପକ ଅନିୟମିତତା ହେଉଛି। ସହର ସଫେଇ ନାଁରେ ପ୍ରତି ମାସ କୋଟି କୋଟି ଟଙ୍କା ହଡ଼ପ କରାଯାଉଛି। ସହର ମଧ୍ୟରେ ରହିଥିବା ସର୍ବପୁରାତନ ମାତୃମଙ୍ଗଳ କେନ୍ଦ୍ର ଅବହେଳିତ ହୋଇ ପଡ଼ିରହିଛି। ମହାନଗର ନିଗମ ଅଞ୍ଚଳର ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟକରି ଯଥାଶୀଘ୍ର ସ୍ଥାୟୀ ପଟ୍ଟା ପ୍ରଦାନ, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ, ସହରର ରାସ୍ତା ଓ ନାଳ ମରାମତି କରିବାକୁ ଭାଜପା ଦାବିପତ୍ରରେ ଉଲ୍ଲେଖ କରିଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଆନ୍ଦୋଳନ ସ୍ଥଳରେ ପହଞ୍ଚି ଦାବିପତ୍ର ଗ୍ରହଣ କରିଥିଲେ। ଭାଜପା ଜିଲା ସଭାପତି ଗିରୀଶ ପଟେଲ ସମାବେଶ ପରିଚାଳନା କରିଥିବା ବେଳେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତା ସାମିଲ ହୋଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦଳୀୟ କର୍ମୀଙ୍କ ବିକ୍ଷୋଭ।

